# NATIONAL NEWS BULLETIN (ODIA)

**16 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ୟାରିସ୍ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଧାର୍ଯ୍ୟ ଲକ୍ଷ୍ୟକୁ ୯ ବର୍ଷ ପୂର୍ବରୁ ପୂରଣ କରିଛି ଭାରତ, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଜାମ୍ମୁ-କାଶ୍ମୀର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ଶେଷ ହେଉଛି ପ୍ରଚାର, ଆସନ୍ତା ୧୮ ତାରିଖରେ ଭୋଟ୍‌ଗ୍ରହଣ

- ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଜାମ୍ମୁକାଶ୍ମୀରର ଡୋଡା ଜିଲ୍ଲାର ୩ଟି ନିର୍ବାଚନ ର୍ୟାଲୀକୁ କରିବେ ସମ୍ବୋଧନ ।

- ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଜୋର ଧରିଲା ପ୍ରଚାରକାର୍ଯ୍ୟ, ଆସନ୍ତା ଶନିବାର ଦିନ ମତଦାନ ।

ଏବଂ

- ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ପ୍ରତିଯୋଗିତାର ସେମିଫାଇନାଲରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ।

---

## ପିଏମ୍-ସୂର୍ଯ୍ୟଘର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଜଳବାୟୁ ପରିବର୍ତ୍ତନ ନେଇ ପ୍ୟାରିସ୍ ଆଲୋଚନାର ଧାର୍ଯ୍ୟ ଲକ୍ଷ୍ୟ ଭାରତ ସମୟସୀମା ପୂର୍ବରୁ ପୂରଣ କରିପାରିଛି । ଏକ ବିକାଶଶୀଳ ରାଷ୍ଟ୍ର ହୋଇଥିଲେ ମଧ୍ୟ ଭାରତ ୯ ବର୍ଷ

ପୂର୍ବରୁ ଏହି ପ୍ରତିଶ୍ରୁତି ପୂରଣ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗୁଜରାଟ ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରଠାରେ ଆୟୋଜିତ ଚତୁର୍ଥ ବିଶ୍ୱ ଅକ୍ଷୟଶକ୍ତି ନିବେଶକ ସମ୍ମିଳନୀ ଓ ଏକ୍ସପୋ (ରି-ଇନ୍‌ଭେଷ୍ଟ)ର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧନ କରି ଶ୍ରୀ ମୋଦୀ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ଯୋଜନା ଦ୍ୱାରା ଦେଶର ପ୍ରତ୍ୟେକ ଘରେ ବିଦ୍ୟୁତ୍ ଉତ୍ପାଦନ ହେବାକୁ ଯାଉଛି । ଏହି ଯୋଜନାରେ ସାମିଲ ହେବାପାଇଁ ୧ କୋଟିରୁ ଅଧିକ ଲୋକ ପଞ୍ଜୀକରଣ କରିଛନ୍ତି । ୩ ଲକ୍ଷରୁ ଅଧିକ ବାସଗୃହ ଛାତ ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇଛି । ଅକ୍ଷୟଶକ୍ତି କ୍ଷେତ୍ରରେ ଯୁବବର୍ଗଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଦକ୍ଷତା ବିକାଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଦେଶର ୧୭ଟି ସହରକୁ ସୌରସହର ଭାବେ ବିକଶିତ କରିବା ସଂକ୍ରାନ୍ତ ଯୋଜନାକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ସବୁଜ ହାଇଡ୍ରୋଜେନ୍ ସମେତ ବିଭିନ୍ନ ସ୍ୱଚ୍ଛଶକ୍ତି ଉତ୍ପାଦନ କ୍ଷେତ୍ରରେ କେନ୍ଦ୍ର ସରକାର ଗତ ୧୦ବର୍ଷ ମଧ୍ୟରେ ନେଇଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ଦେଶର ସବୁଜଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ସମସ୍ତ ଅଂଶୀଦାର ଏବଂ ବିଶ୍ୱ ପ୍ରତିନିଧିଙ୍କୁ ଅନୁରୋଧ କରିଛନ୍ତି ।

ସମାରୋହକୁ ସମ୍ବୋଧନ କରି ନବୀକରଣୀୟ ଓ ଅକ୍ଷୟଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି ଅକ୍ଷୟଶକ୍ତି କ୍ଷେତ୍ରରେ ଦେଶରେ ୮୬ ପ୍ରତିଶତ

ଅଭିବୃଦ୍ଧି ଘଟିଛି । ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଅକ୍ଷୟଶକ୍ତି କ୍ଷେତ୍ରରେ ଗୁଜରାଟକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ।

ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ଚତୁର୍ଥ ପୁନଃନିବେଶ ବିଶ୍ୱ ଅକ୍ଷୟଶକ୍ତି ସମ୍ମିଳନୀ ଓ ଏକ୍ସପୋ ର ଆୟୋଜନ କରାଯାଇଛି । ଅକ୍ଷୟଶକ୍ତି ଉତ୍ପାଦନ ଏବଂ ନିୟୋଜନ କ୍ଷେତ୍ରରେ ଭାରତର ପ୍ରଭାବଶାଳୀ ଅଗ୍ରଗତି ଉପରେ ଏହି ବୈଠକରେ ଆଲୋଚନା କରାଯାଉଛି । ୩ ଦିନ ଧରି ଚାଲିବାକୁ ଥିବା ଏହି ସମାରୋହରେ ୪୦ରୁ ଅଧିକ ଅଧିବେଶନ ଏବଂ ଅଭିନବ ଆର୍ଥିକ ସହାୟତା, ସବୁଜ ହାଇଡ୍ରୋଜେନ ଓ ଭବିଷ୍ୟତର ଶକ୍ତି ସମାଧାନ ଉପରେ ବିଶେଷ ଆଲୋଚନା କରାଯିବ । ୪୦ଟି ଦେଶର ପ୍ରାୟ ୧୦ହଜାର ପ୍ରତିନିଧି ଏଥିରେ ଅଂଶ ଗ୍ରହଣ କରୁଛନ୍ତି ।

# ବନ୍ଦେ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ନାଗପୁର-ସିକନ୍ଦରାବାଦ ବନ୍ଦେଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ । ଏହି ଅବସରରେ ନାଗପୁର ଷ୍ଟେସନ୍‌ଠାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକିଷ୍ଣନ, କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ପ୍ରମୁଖ ଉପସ୍ଥିତ ରହିବେ । ଅନ୍ୟ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ମଧ୍ୟ ଶୁଭାରମ୍ଭ ହେବ । ସେଗୁଡ଼ିକ ହେଉଛି ପୁଣେ-ହୁବଳି ଏବଂ କୋହ୍ଲାପୁର-ପୁଣେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ

ରେଳବାଇ ନାଗପୁର ଡିଭିଜନର ବିଭାଗୀୟ ପଦାଧିକାରୀ ଉପସ୍ଥିତ ରହିବେ ।

## ଜେକେ-କ୍ୟାମ୍ପେନ-ନୋମିନେସନ

ଜାମ୍ମୁ-କାଶ୍ମୀର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ପ୍ରଚାରକାର୍ଯ୍ୟ ଶେଷ ହେବ । ୭ଟି ଜିଲ୍ଲାର ୨୪ଟି ବିଧାନସଭା ଆସନ ଲାଗି ଆସନ୍ତା ୧୮ତାରିଖ ଦିନ ଭୋଟ୍‌ଗ୍ରହଣ ହେବ । ଏହି ଜିଲ୍ଲାଗୁଡ଼ିକ ହେଲା ଡୋଡା, କିସ୍ତୱାର, ରାମବନ, ଅନନ୍ତନାଗ, ପୁଲୱାମା, କୁଲଗାଁ ଓ ସୋପିଆନ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତା ୨୫ ତାରିଖ ଦିନ ମତଦାନ ହେବାକୁ ଥିବାବେଳେ ଅକ୍ଟୋବର ୧ ତାରିଖ ଦିନ ତୃତୀୟ ପର୍ଯ୍ୟାୟ ଭୋଟ୍‌ଦାନ କରାଯିବ ।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିବସ । ଗତ ଶୁକ୍ରବାର ଦିନ ପ୍ରାର୍ଥିପତ୍ର ଯାଞ୍ଚ ପରେ ୩୭ ଜଣଙ୍କର ପ୍ରାର୍ଥିପତ୍ର ନାକଚ ହୋଇଯାଇଛି । ଏହି ପର୍ଯ୍ୟାୟରେ ୪୦ ବିଧାନସଭା ମଣ୍ଡଳୀ ପାଇଁ ୪୪୯ ଜଣଙ୍କର ପ୍ରାର୍ଥିପତ୍ର କାଏମ ରହିଛି ।

୯୦ ଆସନ ବିଶିଷ୍ଟ ଜାମ୍ମୁ କାଶ୍ମୀର ବିଧାନସଭାରେ ୭ଟି ଆସନ ଅନୁସୂଚିତ ଜାତି ପାଇଁ ଏବଂ ୯ଟି ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ଅକ୍ଟୋବର ୮ ତାରିଖ ଦିନ ଭୋଟ୍‌ଗଣତି ହେବ ।

## ଶାହା-ର୍‍ୟାଲି

ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଆଜି ଜାମ୍ମୁକାଶ୍ମୀରର ଡୋଡା ଜିଲ୍ଲାଠାରେ ୩ଟି ନିର୍ବାଚନ ର୍‍ୟାଲୀକୁ ସମ୍ବୋଧନ

କରିବେ । ଆମ ସମ୍ବାଦଦାତାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ରାମବନ୍, କିସ୍ତୱାଡ଼ ଏବଂ ପଦ୍ଦାରଠାରେ ଆୟୋଜିତ  ର୍ୟାଲିରେ ଶ୍ରୀ ଶାହା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

ସେହିଭଳି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଆସନ୍ତା ୨୦ ତାରିଖରେ ଜାମ୍ମୁ ଗସ୍ତରେ ଯାଇ ପରବର୍ତ୍ତୀ ପର୍ଯ୍ୟାୟ ନିର୍ବାଚନ ସକାଶେ ଏକ ରୋଡ୍ ଶୋ'ରେ ଅଂଶ ଗ୍ରହଣ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

## ଓଜୋନସ୍ତର ସଂରକ୍ଷଣ ଦିବସ

ଆନ୍ତର୍ଜାତିକ ଓଜୋନସ୍ତର ସଂରକ୍ଷଣ ଦିବସ ଆଜି ପାଳନ କରାଯାଉଛି । ଓଜୋନସ୍ତର ପୃଥିବୀକୁ ସୂର୍ଯ୍ୟକିରଣର କ୍ଷତିକାରକ ଅଂଶରୁ ରକ୍ଷା କରିଥାଏ । ତେବେ ସାଧାରଣଭାବରେ ବ୍ୟବହାର ହେଉଥିବା ଅନେକ ରାସାୟନିକ ପଦାର୍ଥ ଦ୍ୱାରା ଓଜୋନ ସ୍ତରରେ କ୍ଷତି ପହଞ୍ଚାଇଥାଏ । ଓଜୋନ ସ୍ତରର ସୁରକ୍ଷା ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇ ଆସୁଛି ।

## ଶ୍ରୀଲଙ୍କା-ପ୍ରେଜ୍ ଇଲେକ୍ସନ

ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋର ଧରିଛି । ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭାର ଆୟୋଜନ କରାଯାଇଛି । ହୋରାନା ଏବଂ ନୂଆରା ଏଲିଆ ଠାରେ ଗତକାଲି ରାଷ୍ଟ୍ରପତି ରନୀଲ ବିକ୍ରମ ସିଂଘେ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଉପରେ ଆଲୋକପାତ କରିଥିଲେ । ତୈଳ ଏବଂ ଗ୍ୟାସର ନିରନ୍ତର

ଯୋଗାଣକୁ ସୁନିଶ୍ଚିତ କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଥିଲେ । ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ସହ ହୋଇଥିବା ଚୁକ୍ତିକୁ ବଜାୟ ରଖିବା ଏବଂ ଏହାକୁ ଅଧିକ ତ୍ୱରାନ୍ୱିତ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି ବୋଲି କହିଥିଲେ । ଉପକୂଳ ଅଞ୍ଚଳରେ ଏକ ଜନସମାବେଶକୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଶ୍ରୀ ସିଂଘେ ବିଦ୍ୟାଳୟ ଏବଂ ଶିକ୍ଷକଙ୍କ ଅଭାବକୁ ପୂରଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ସର୍ଜିତ ପ୍ରେମଦାସା ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରି କହିଥିଲେ ତାଙ୍କ ଦଳ ସରକାରକୁ ଆସିଲେ ଏକ ବିସ୍ତୃତ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକୁ କାର୍ଯ୍ୟକାରୀ କରିବେ । ଅଟକି ରହିଥିବା ଆବାସ ପ୍ରକଳ୍ପ ଗୁଡ଼ିକୁ ପୁନଃ ଆରମ୍ଭ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀଲଙ୍କାରେ ଆସନ୍ତା ଶନିବାର ଦିନ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ ।

---

# ରାଜସ୍ଥାନ-ଆକ୍ସିଡେଣ୍ଟ

ରାଜସ୍ଥାନରେ ଶିରୋହି ଜିଲ୍ଲା ଅନ୍ତର୍ଗତ ପିନ୍ଦୱାରା ଥାନା ଅଞ୍ଚଳରେ ଗତକାଲି ରାତିରେ ଏକ ସଡ଼କ ଦୁର୍ଘଟଣାରେ ୮ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୮ଜଣ ଗୁରୁତର ହୋଇଛନ୍ତି । ଏକ ଟ୍ରକ୍ ସହ ଗୋଟିଏ ଜିପ୍ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଛି । ଶିରୋହି ପୁଲିସ ଅଧିକ୍ଷକ ଅନୀଲ କୁମାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ପ୍ରାୟ ୨୭ଜଣ ଲୋକଙ୍କୁ ନେଇ ଯାଉଥିବା ସଂପୃକ୍ତ ଜିପ୍‌ଟି ଭୁଲ୍‌ପଟେ ଯିବାଦ୍ୱାରା ଏହି ଦୁର୍ଘଟଣା ଘଟିଛି । ତେବେ ପୁଲିସ ଖବର ପାଇ ଦୁର୍ଘଟଣାସ୍ଥଳରେ ପହଞ୍ଚିବା ସହିତ ଗୁରୁତରମାନଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରିଛି । ଉଦୟପୁର ଜିଲ୍ଲାର ଉଗ୍ରସାଗର ଅଞ୍ଚଳର ଏହି

ଯାତ୍ରୀମାନେ ପାଲ୍ଲିକୁ ଯାଉଥିଲେ ବୋଲି ଆରକ୍ଷୀ ଅଧିକ୍ଷକ କହିଛନ୍ତି । ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏହି ଦୁର୍ଘଟଣାରେ ଦୁଃଖପ୍ରକାଶ କରିଛନ୍ତି ।

## ୟୁରୋପ-ଫ୍ଲଡ

ୟୁରୋପର କେନ୍ଦ୍ରୀୟ ଏବଂ ପୂର୍ବାଞ୍ଚଳରେ ବାତ୍ୟା **ବୋରିସ୍** ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ୮ ଜଣଙ୍କର ମୃତ୍ୟୁ ହୋଇଛି । ରୋମାନିଆରେ ବନ୍ୟା ଯୋଗୁଁ ୬ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଅଷ୍ଟ୍ରିଆରେ ବନ୍ୟା ମୁକାବିଲାବେଳେ ଜଣେ ଅଗ୍ନିଶମ କର୍ମଚାରୀଙ୍କର ମୃତ୍ୟୁ ହେବା ସହ ପୋଲାଣ୍ଡର ଦକ୍ଷିଣ-ପଶ୍ଚିମ ଭାଗରେ ବୁଡ଼ିଯାଇ ଜଣଙ୍କର ମୃତ୍ୟୁ ହୋଇଛି । ଆଜି ମଧ୍ୟ ଅଧିକ ବର୍ଷା ଏବଂ ଜୋର୍‌ରେ ପ୍ରବନ ବହିବ ବୋଲି ସେଠାକାର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ଶକ୍ତିଶାଳୀ ବାତ୍ୟା **ବେବିଙ୍କା** ଆଜି ସାଂଘାଇର ସ୍ଥଳଭାଗ ସ୍ପର୍ଶ କରିଛି । ଏହାର ପ୍ରଭାବରେ ପ୍ରବଳ ବର୍ଷା ଏବଂ ପବନ ବହିବା ଯୋଗୁଁ ବିମାନ ଚଳାଚଳ ବାତିଲ ହୋଇଥିବା ବେଳେ ସଡ଼କ ପଥରେ ଯୋଗାଯୋଗ ମଧ୍ୟ ବନ୍ଦ ରହିଛି । ଉପକୂଳବର୍ତ୍ତୀ ବାସିନ୍ଦାଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ନେଇ ଚୀନ୍‌ର ସରକାରୀ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ୯ଟା ୩୦ ମିନିଟ୍‌ରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି 'ସ୍ୱଚ୍ଛତା ହିଁ ସେବା ଅଭିଯାନ ଅଧୀନରେ ସ୍ୱଚ୍ଛ ଭାରତ ସୁନିଶ୍ଚିତ କରିବା ଦିଗରେ ସରକାରଙ୍କ ପଦକ୍ଷେପ' । ଜଳଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ସ୍ୱଚ୍ଛ

ଭାରତ ମିଶନର ନିର୍ଦ୍ଦେଶକ ତଥା ଯୁଗ୍ମ ସଚିବ ଜିତେନ୍ଦ୍ର ଶ୍ରୀବାସ୍ତବ ଏବଂ ପୂର୍ବୋତ୍ତର ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ ଅନିତା ମିନା ବିଶେଷଜ୍ଞ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରେତାଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  ୦୧୧-୨୩୪୨୧୦୫୦  ଓ ୦୧୧-୨୩୩୧୪୪୪୪  ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

---

## ହକି

ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ପ୍ରତିଯୋଗିତାର ସେମିଫାଇନାଲରେ ଆଜି ଭାରତ ଓ ଦକ୍ଷିଣ  କୋରିଆ ମଧ୍ୟରେ ମୁକାବିଲା ହେବ । ଚୀନ୍‌ର ହୁଲୁନ୍‌ବୁରିଠାରେ ଆଜି ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତ ଏହି ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଚୀନ୍‌କୁ ୩-୦, ଜାପାନକୁ ୫-୧, ମାଲେସିଆକୁ ୮-୧, କୋରିଆକୁ ୩-୧ ଏବଂ ପାକିସ୍ତାନକୁ ୨-୧ରେ ପରାସ୍ତ କରି ଅପରାଜେୟ ରହିଛି ।